## ରୋଗୀଙ୍କୁ ଫଳ ବଣ୍ଟନ

ଆଠମଲ୍ଲିକ(ଡି.ଏନ.ଏ.): ଆଠମଲ୍ଲିକ ଯୁବ ସଙ୍ଗଠନ ପକ୍ଷରୁ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ସଦାନନ୍ଦ ଦନ୍ତା, ଶରତ ସାହୁ, ରବୀନ୍ଦ୍ର ଦାସ, ହୁସେନ ମହମ୍ମଦ, ଲୁଟୁ ସିଂସାମନ୍ତ, ନଳିନୀ ପାତ୍ର, ରିଙ୍କୁ ଶତପଥୀ, ଅମରେଶ ମହାକୁଡ଼, ପାର୍ଥ ସାରଥି ବେହେରା ପ୍ରମୁଖ ଉପସ୍ଥିତ ରହି ୫୦ ରୋଗୀଙ୍କୁ ଫଳ, ପାଉଁରୁଟି, ବିସ୍କୁଟ ଆଦି ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ୨୬ରେ ବ୍ଲକ ଘେରାଉ

ବଇଣ୍ଡା,୧୭।୮(ଡି.ଏନ.ଏ.): ଆବଶ୍ୟକ ପରିମାଣର ବର୍ଷା ଅଭାବରୁ କିଶୋରନଗର ବ୍ଲକରେ ମରୁଡ଼ି ଭଳି ପରିସ୍ଥିତି ଦେଖାଦେଇଛି। ତେଣୁ ତୁରନ୍ତ କିଶୋରନଗର ବ୍ଲକକୁ ମରୁଡ଼ି ଘୋଷଣା କରିବା ପାଇଁ ଏସ୍‌ୟୁସିଆଇ କିଶୋରନଗର ଶାଖା ପକ୍ଷରୁ ଦାବି କରାଯିବା ସହ ଆସନ୍ତା ୨୬ ତାରିଖରେ ବ୍ଲକ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ନେଇ ଜଏରାଟ ଠାରେ ଏକ ବୈଠକ କମିଟି ସମ୍ପାଦକ ତୀର୍ଥବାସୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରମଣୀ ରଞ୍ଜନ ପ୍ରଧାନ, ପୀତାମ୍ବର ପ୍ରଧାନ, ଲକ୍ଷ୍ମଣ ବେହେରା, ରବୀନ୍ଦ୍ର ସାହୁ, ରୋଜାଲିନୀ ସାହୁଙ୍କ ସମେତ ବହୁ ସଭ୍ୟ ଯୋଗଦେଇଥିଲେ।

### ୧୯ ସଦସ୍ୟଙ୍କୁ ସ୍ୱାଗତ

ଆଠମଲ୍ଲିକ,୧୭।୮(ଡି.ଏନ.ଏ.): ଅନୁଗୋଳ ଜିଲା କଂଗ୍ରେସ କମିଟିରେ ଆଠମଲ୍ଲିକ ନିର୍ବାଚନମଣ୍ଡଳୀରୁ ୧୯ ଜଣଙ୍କୁ ସଦସ୍ୟତା ମିଳିବା ନେଇ ଆଠମଲ୍ଲିକ କଂଗ୍ରେସରେ ଆନନ୍ଦର ଲହରି ଖେଳିଯାଇଛି। ଏହି ନୂତନ ସଦସ୍ୟଙ୍କୁ ସ୍ୱାଗତ କରିବାକୁ ଜିରାଡ଼ ମଠ ଠାରେ ଆଠମଲ୍ଲିକ ନଗର କଂଗ୍ରେସ ସଭାପତି କମଳାକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ବରିଷ୍ଠ ନେତା ବିଜୟାନନ୍ଦ ଚାଉଳିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା କଂଗ୍ରେସ ଉପସଭାପତି ଭାବେ ମନୋନୀତ ରାମାନନ୍ଦ ପାଣିଗ୍ରାହୀ, ଭଗବାନ ସାହୁ, ସାଧାରଣ ସମ୍ପାଦକ ଜିତେନ୍ଦ୍ର ମୁଖୀଙ୍କ ସହିତ ସମ୍ପାଦକମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। କଂଗ୍ରେସ ଏସ୍‌ସି ସେଲ୍ ରାଜ୍ୟ ଆବାହକ ଟିକନ ବେହେରା ଉପସ୍ଥିତ ଥିଲେ।

### ସହକାରୀ ଜିଲାପାଳଙ୍କୁ ସୂଚନା ଓ ଲୋକ ସମ୍ପର୍କ ଦାୟିତ୍ୱ

ଆଠମଲ୍ଲିକ,୧୭।୮(ଡି.ଏନ.ଏ.): ଆଠମଲ୍ଲିକ ଉପଖଣ୍ଡରେ ଦୀର୍ଘ ଦିନ ହେଲା ଖାଲିପଡିଥିବା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦାୟିତ୍ୱ ସହକାରୀ ଜିଲାପାଳ କୁଳମଣି ଦଳେଇଙ୍କୁ ପ୍ରଦାନ କରାଯାଇଛି। ଉପଜିଲାପାଳ ଲଳିତ



ମୋହନ ବେହେରା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ସହ ଆଲୋଚନା କରି ସହକାରୀ ଜିଲାପାଳଙ୍କୁ ଉକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ନୂତନ ଅଧିକାରୀଙ୍କ ନିଯୁକ୍ତି ପର୍ଯ୍ୟନ୍ତ ଦଳେଇ ଏହି ଦାୟିତ୍ୱ ତୁଲାଇବେ ବୋଲି ନିର୍ଦ୍ଦେଶ ଥିବା ଜଣାଯାଇଛି।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ବଇଣ୍ଡା,୧୭।୮(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ସମ୍ପୃକ୍ତା ଯୁବତୀ ପରିବା ଚାଷ ଜଗିବାକୁ ବିଲକୁ ଯାଇଥିବା ବେଳେ ଅଭିଯୁକ୍ତ ବାପୁନ ପ୍ରଧାନ ରବିବାର ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ନମ୍ବର ୨୦୦/୨୧ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ବାପୁନ ଫେରାର ଥିବା ହଣ୍ଡପା ଥାନା ଅଧିକାରୀ ପ୍ରଦୀପ ପ୍ରଧାନ କହିଛନ୍ତି।

### ଜରୁରୀ କାଗଜପତ୍ର ପାଇ ଥାନାରେ ଦେଲେ



ଅନୁଗୋଳ ଅଫିସ,୧୭।୮: ଅନୁଗୋଳ ସହର ଉପକଣ୍ଠ ଏକ ହୋଟେଲ ନିକଟରୁ ଜଣେ ଯୁବକଙ୍କ ମନିପର୍ସ, ଆଧାର କାର୍ଡ, ଏଟିଏମ୍ ଓ ଡ୍ରାଇଭିଂ ଲାଇସେନ୍ସ ମିଳିଛି। ଦୁଇ ବନ୍ଧୁ ଚନ୍ଦନ କୁମାର ସାହୁ ଓ କମଳକାନ୍ତ ସାହୁ ଏହାକୁ ପାଇବା ପରେ ଅନୁଗୋଳ ଥାନାରେ ଜିମା ଦେଇଛନ୍ତି। ଥାନାରେ କାର୍ଯ୍ୟରତ ପୋଲିସ କର୍ମଚାରୀ ପ୍ରଶାନ୍ତ ସାହୁ ଉକ୍ତ କାଗଜପତ୍ର ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଖଜୁରିଯୋଡ଼ା ଗ୍ରାମର ରଞ୍ଜିତ ରାଉତଙ୍କର ବୋଲି ଜାଣିବାକୁ ପାଇଛନ୍ତି। ତୁରନ୍ତ ରଞ୍ଜିତଙ୍କୁ ତାଙ୍କ ଜରୁରୀ କାଗଜପତ୍ର ଫେରାଇ ଦେବାକୁ ଦୁଇ ବନ୍ଧୁ ପୋଲିସକୁ ଅନୁରୋଧ କରିଛନ୍ତି।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବଇଣ୍ଡା,୧୭।୮(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଠାକୁରଗଡ ଅଞ୍ଚଳର ଧର୍ମପ୍ରାଣା ମହିଳା ପ୍ରମିଳା ପୃଷ୍ଟି (୬୮)ଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ଶୋକବ୍ୟକ୍ତ କରିଛନ୍ତି।

# ପଲିଥିନମୁକ୍ତ ଯୋଜନା ପ୍ରହସନ

ଅନୁଗୋଳ ଅଫିସ, ୧୭।୮

ଅନୁଗୋଳ ସହର ପଲିଥିନମୁକ୍ତ ହେବ। କୌଣସି ସ୍ଥାନରେ ପଲିଥିନ କି ପ୍ଲାଷ୍ଟିକ ବ୍ୟବହାର ହେବ ନାହିଁ। ୨ ବର୍ଷ ତଳୁ ପ୍ରଶାସନ ଏପରି ଯୋଜନା ସହ ନିର୍ଦ୍ଦେଶନାମା ଜାରି କରିବା ପରେ କିଛିଦିନ ଧରି ସଚେତନତା ସୃଷ୍ଟି କରାଯାଇଥିଲା। ପରେ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିଲା। ହେଲେ ସମୟକ୍ରମେ ନିଜ ନିର୍ଦ୍ଦେଶନାମାକୁ ପ୍ରଶାସନ ପାସୋରି ଦେବାରୁ ପଲିଥିନମୁକ୍ତ ସହର ପ୍ରହସନ ପାଲଟିଛି। ଧରପଗଡ଼ ତ ଦୂରର କଥା ବରଂ ସବୁଆଡେ ଏହାର ବହୁଳ ବ୍ୟବହାର ଚାଲିଛି। ପୁଳାପୁଳା ଆବର୍ଜନା ଏଣେତେଣେ ଗଦାଯାଉଛି। ଫଳରେ ପରିବେଶ ଉପରେ ଏହାର କୁପ୍ରଭାବ ବଢୁଥିବାରୁ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।



- ବଜାରରେ ହେଉଛି ବହୁଳ ବ୍ୟବହାର
- କାର୍ଯ୍ୟାନୁଷ୍ଠାନ ଦିଗରେ ପଦକ୍ଷେପ ନାହିଁ
- ପରିବେଶ ଉପରେ ପଡୁଛି ଗଭୀର ପ୍ରଭାବ

ଅନୁଗୋଳ ଜିଲାକୁ ପଲିଥିନମୁକ୍ତ ଜିଲା ଭାବେ ଗଢ଼ି ତୋଳିବା ପାଇଁ ୨୦୧୯ ମସିହାରେ ଜିଲା ପ୍ରଶାସନସ୍ତରରେ ନିଷ୍ପତ୍ତି ହୋଇଥିଲା। ପ୍ରାଥମିକସ୍ତରରେ ଅନୁଗୋଳ ସହରକୁ ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏହାପରେ ପୌର କର୍ତ୍ତୃପକ୍ଷ ତତ୍ପର ହୋଇଉଠିଥିଲେ। ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ସହରରେ ଚଢ଼ାଉ କରାଗଲା। ୭୦ ହଜାର ଟଙ୍କା ଜରିମାନା ଆଦାୟ ହେଲା। ରାସ୍ତାରେ ଚେକିଂ କରାଯାଇ ପରିବହନ ହେଉଥିବା ପଲିଥିନ, ପ୍ଲାଷ୍ଟିକକୁ ଜବତ ସହ ୨୦ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଥିଲା।

ଏଭଳି କିଛି ଦିନ ଚାଲିବାରୁ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବସାୟୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିଲା। ଏପରି କି ଚଢ଼ାଉରୁ ବର୍ତ୍ତିବାକୁ ଏହି ବ୍ୟବସାୟୀମାନେ ସହରରୁ ଗୋଦାମ ଉପକଣ୍ଠକୁ ଉଠାଇ ନେଇଥିଲେ। ଆଉ କେତେଜଣ ଗୋଦାମରେ ତାଲା ପକାଇ ଦେଇଥିଲେ। ଲୋକମାନେ ମଧ୍ୟ ସଚେତନ ହୋଇ ବ୍ୟାଗ ଧରି ବଜାର ଯାଉଥିବା ଦେଖାଯାଇଥିଲା। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ପ୍ରଶାସନ ଢିଲା ମାରିବାରୁ ଏବେ ପ୍ଲାଷ୍ଟିକ ଓ ପଲିଥିନରେ ଅଣନିଃଶ୍ୱାସୀ ହୋଇପଡ଼ିଲାଣି ଅନୁଗୋଳ ସହର। ବଜାରରେ ଟନ୍ ଟନ୍ ପଲିଥିନ ବିଭିନ୍ନ ଗୋଦାମରେ ମହଜୁଦ ରହିଥିବାବେଳେ ପ୍ଲାଷ୍ଟିକ୍ ସାମଗ୍ରୀ ମଧ୍ୟ ଗଦା ହୋଇ ରହୁଛି। ହେଲେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ।

**ଏଣିକି ଚଢ଼ାଉ କରାଯିବ**



"ସହରକୁ ପଲିଥିନ, ପ୍ଲାଷ୍ଟିକମୁକ୍ତ କରିବାକୁ ପୂର୍ବରୁ ସଚେତନ କରାଯାଇଛି। ଏଣିକି ଚଢ଼ାଉ କରାଯିବ। ବ୍ୟବସାୟୀଙ୍କ ନିକଟରୁ ଜରିମାନା ଆଦାୟ ପାଇଁ ପୌରପାଳିକା ଟିମ୍‌କୁ ଯାଞ୍ଚ କାର୍ଯ୍ୟରେ ଲଗାଯିବ।
-ଗିରିଜା ଶଙ୍କର ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ, ଅନୁଗୋଳ

**କ୍ୟାନ୍ସର ଭଳି ରୋଗର କାରଣ**



"ପଲିଥିନ ପୋଡ଼ିବେଳେ ସେଥିରୁ ବାହାରୁଥିବା ଗ୍ୟାସ୍ କ୍ୟାନ୍ସର ଭଳି ରୋଗ ସୃଷ୍ଟି କରୁଛି। ତେଣୁ ପଲିଥିନ ବ୍ୟବହାର ହ୍ରାସ ଜରୁରୀ। ବ୍ୟବହୃତ ପଲିଥିନକୁ ନ ପୋଡ଼ି ପୌରପାଳିକାର ଅଳିଆ ଗାଡ଼ିକୁ ଦେଲେ ଭଲ ହେବ।
-ଡ.ଅନୁପ କୁମାର ମଲ୍ଲିକ, ଅଧିକାରୀ, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

**ଆନ୍ତରିକ ଉଦ୍ୟମ ନାହିଁ**



"ପ୍ରଶାସନର ଆନ୍ତରିକତା ଅଭାବରୁ ପଲିଥିନ ବ୍ୟାନ୍ ହୋଇପାରୁ ନାହିଁ। ବିକଳ୍ପ ନ ଥିବାରୁ ଲୋକେ ମଧ୍ୟ ଅଭ୍ୟାସ ଛାଡ଼ିପାରୁ ନାହାନ୍ତି। ପଲିଥିନର ବିକଳ୍ପ ପ୍ରସ୍ତୁତ କରିବାରେ ସରକାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କାର୍ଯ୍ୟରେ ଲଗାନ୍ତୁ।
-ସ୍ୱପ୍ନା ଷଡ଼ଙ୍ଗୀ, ପରିବେଶବିତ୍, ଅନୁଗୋଳ

**କାର୍ଯ୍ୟାନୁଷ୍ଠାନ ହେବା ଦରକାର**



"ପୌରପାଳିକା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। କେବେ କେମିତି ଛୋଟ ବ୍ୟବସାୟୀଙ୍କୁ ଧରି ଜରିମାନା ଆଦାୟ କରାଯାଉଛି। କିନ୍ତୁ ବଡ଼ ବଡ଼ିଆଙ୍କ ପ୍ରତି କୋହଳ ମନୋଭାବ ଦେଖାଯାଉଛି। ଫଳରେ ସହର ପଲିଥିନମୁକ୍ତ ହୋଇପାରୁ ନାହିଁ।
-ସୁଦୀପ ଗଡ଼ନାୟକ, ଅନୁଗୋଳ

# ସଂଗ୍ରାମୀଙ୍କୁ ଦିଆଗଲା ଶ୍ରଦ୍ଧାଞ୍ଜଳି



ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରାଯାଉଛି।

ଛେଣ୍ଡିପଦା,୧୭।୮(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ବଡମହିତଲାସ୍ଥିତ ଡିଏଭି ସାବିତ୍ରୀଜିନ୍ଦଲଉଚ୍ଚବିଦ୍ୟାଳୟରେସ୍ୱାଧୀନତା ଦିବସ ପାଳିତ ହୋଇଛି। ପ୍ରାରମ୍ଭରେ ସମସ୍ତ ସଂଗ୍ରାମୀଙ୍କୁ ସମ୍ମାନ ଜଣାଇ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ଫକୀରମୋହନ ସାହୁ ପତାକା ଉତ୍ତୋଳନ କରିଥିଲେ। ଛାତ୍ରୀଛାତ୍ରମାନେ ଭର୍ଚୁଆଲ ମାଧ୍ୟମରେ ଅଭିଭାଷଣ ରଖିଥିଲେ। ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀମାନେ ସହଯୋଗ ଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁ ପରିଚାଳନା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଦୀପ୍ତିରେଖା ଦାସ ଧନ୍ୟବାଦ ଦେଇଥିଲେ।

# ଯୁବ ବିଜେଡି ବ୍ଲକ ପର୍ଯ୍ୟବେକ୍ଷକ ନିଯୁକ୍ତ

ଅନୁଗୋଳ ଅଫିସ,୧୭।୮

ଅନୁଗୋଳ ଜିଲା ବିଜୁ ଯୁବ ଜନତା ଦଳର ସଙ୍ଗଠନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବିଜୁ ଯୁବ ଜନତା ଦଳ ରାଜ୍ୟ ସଭାପତି ବ୍ୟୋମକେଶ ରାଏଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନ ଜିଲାର ସମସ୍ତ ବ୍ଲକ, ପୌର ପରିଷଦ ଓ ଏନ୍‌ଏସି ପାଇଁ ପର୍ଯ୍ୟବେକ୍ଷକମାନଙ୍କୁ ନିଯୁକ୍ତ କରିଛନ୍ତି। କଣିହାଁ ବ୍ଲକ ପାଇଁ ସତ୍ୟବ୍ରତ ଦେହୁରୀ, ଆଠମଲ୍ଲିକ ବ୍ଲକ ପାଇଁ ଲିପୁନା ଭୂକ୍ତା, ତାଳଚେର ବ୍ଲକ ପାଇଁ ପ୍ରଦୀପ କୁମାର ପ୍ରଧାନ, ବଣ୍ଡରପାଳ ବ୍ଲକ ପାଇଁ ଜିତେନ୍ଦ୍ର କୁମାର ପ୍ରଧାନ, ଅନୁଗୋଳ ବ୍ଲକ ପାଇଁ ଅମିତ କୁମାର ଦାସ, ପାଲଲହଡା ବ୍ଲକ ପାଇଁ ରାଜେଶ କୁମାର ଦାସ, ଛେଣ୍ଡିପଦା ବ୍ଲକ ପାଇଁ ତାପସ କୁମାର ସାହୁ, କିଶୋର ନଗର ବ୍ଲକ ପାଇଁ ଲକ୍ଷ୍ମୀଧର ସାହୁ, ଆଠମଲ୍ଲିକ ଏନ୍‌ଏସି ପାଇଁ ଅଶୋକ କୁମାର ସାହୁ, ଅନୁଗୋଳ ମ୍ୟୁନିସିପାଲିଟି ପାଇଁ ସୁଧୀର କୁମାର ନାଏକ ଓ ତାଳଚେର ମ୍ୟୁନିସିପାଲିଟି ପାଇଁ ପ୍ରଦୀପ କୁମାର ସାମଲଙ୍କୁ ଯୁବ ବିଜେଡି ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି।

# କର୍ମଚାରୀ, ସହଯୋଗୀ ଟିମ୍‌ଙ୍କୁ ପ୍ରଶଂସା

କଣିହାଁ,୧୭।୮(ଡି.ଏନ.ଏ.)

ତାଳଚେରସ୍ଥିତ କଣିହାଁ ଏନ୍‌ଟିପିସିଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ. ଶ୍ରୀନିବାସ ରାଓ ଯୋଗଦେଇ ପତାକା ଉତ୍ତୋଳନ ସହ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଏଥିସହିତ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀଙ୍କ ସମ୍ପର୍କରେ ବି.ଆର. ଆମ୍ବେଡକର ଷ୍ଟାଡିୟମରେ କହିବା ସହିତ ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି କୋଭିଡ୍ ମହାମାରୀ ସମୟରେ କାର୍ଯ୍ୟ କରୁଥିବା କର୍ମଚାରୀ ଏବଂ ସହଯୋଗୀ ଟିମ୍‌ଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଶ୍ରୀ ରାଓ ବରିଷ୍ଠ ଅଧିକାରୀ, ୟୁନିଅନ୍ ଆଣ୍ଡ ଆସୋସିଏଶନ, ଅନୁସୂଚିତ ଜାତି ଓ ଜନଜାତି ଆସୋସିଏଶନର ପ୍ରତିନିଧି, ଲେଡିଜ କ୍ଲବ ସଦସ୍ୟ, ୬୬ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି ୬ ଜଣ କର୍ମଚାରୀଙ୍କୁ ପାୱାର୍ ଏକ୍ସେଲ ପୁରସ୍କାର, ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ସୁରକ୍ଷା ପୁରସ୍କାର ଏବଂ ୨୧ ଜଣ କର୍ମଚାରୀଙ୍କୁ ମନଭିୟେଟା ପୁରସ୍କାର ପ୍ରଦାନ କରିଥିଲେ।





ଜଣେ ଅଧିକାରୀଙ୍କୁ ସମ୍ମାନିତ କରାଯାଉଛି।

# ଅନଶନକୁ ଅନୁମତି ଦେଲେନି

ତାଳଚେର,୧୭।୮(ନି.ପ୍ର.)

ତାଳଚେର ମେଡିକାଲ କଲେଜକୁ ତୁରନ୍ତ କାର୍ଯ୍ୟକ୍ଷମ ସହ ଏହାକୁ ସରକାର ଚଳାଇବା ଦାବି ନେଇ ଜିଲା ପରିଷଦର ପୂର୍ବତନ ସଦସ୍ୟ ରାଜ କିଶୋର ସାହୁ ମଙ୍ଗଳବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଥିଲେ। ନିଜ ସମର୍ଥକଙ୍କ ସହିତ ପ୍ରାୟ ୧ ଘଣ୍ଟା କାଳ ଅନଶନରେ ବସିବା ପରେ ତାଳଚେର ପୋଲିସ, ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଅନୁମତି ନ ଥିବାରୁ ଅନଶନ କରିବାକୁ ବାରଣ କରିଥିଲେ। ଏହା ପରେ ସାହୁ ଅନଶନରୁ ଉଠି ଯାଇଥିଲେ। ଦୀର୍ଘ ଦିନ ପୂର୍ବରୁ ଅନଶନ କରିବାକୁ ଅନୁମତି ମାଗିଥିଲେ ସୁଦ୍ଧା ପ୍ରଶାସନ ତାଙ୍କୁ ଅନୁମତି ନ ଦେବାରୁ ସାହୁ କ୍ଷୋଭ ପ୍ରକାଶ କରିଛନ୍ତି। ତାଙ୍କ ସହିତ ପୁଷ୍ପକ ସ୍ୱାଇଁ, ଜିନେସ ସାହୁ ଏବଂ କୀର୍ତ୍ତିରଞ୍ଜନ ବିଶୋଇ ପ୍ରମୁଖ ସାମିଲ ହୋଇଥିଲେ।

# ନବୀକରଣ ହେବ ହିଙ୍ଗୁଳା ଟ୍ରଷ୍ଟ ବୋର୍ଡ



ବୈଠକରେ ବିଧାୟକ, ପ୍ରଶାସନିକ ଅଧିକାରୀ ଓ ଟ୍ରଷ୍ଟବୋର୍ଡ ସଦସ୍ୟମାନେ।

ତାଳଚେର,୧୭।୮(ନି.ପ୍ର.)

ତାଳଚେରସ୍ଥିତ ମା' ହିଙ୍ଗୁଳାଙ୍କ ଟ୍ରଷ୍ଟ ବୋର୍ଡ ନବୀକରଣ ସମ୍ବନ୍ଧୀୟ ଆଲୋଚନା ପାଇଁ ତାଳଚେର ଉପଜିଲାପାଳ ତଥା ମ୍ୟାନେଜିଂ ଟ୍ରଷ୍ଟି ବିଶ୍ୱରଞ୍ଜନ ରଥଙ୍କ ସଭାପତିତ୍ୱରେ ଏକ ବୈଠକ ମା'ଙ୍କ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଧାୟକ ବ୍ରଜ କିଶୋର ପ୍ରଧାନ ଯୋଗଦେଇ ଟ୍ରଷ୍ଟ ସଦସ୍ୟମାନେ ପରସ୍ପର ମଧ୍ୟରେ ସମନ୍ୱୟ ରଖି ନିର୍ମାଣ ଓ ଉନ୍ନତିମୂଳକ କାର୍ଯ୍ୟର ଅଗ୍ରଗତି କରାଇବା ପାଇଁ ପରାମର୍ଶ ଦେଇଥିଲେ। ଟ୍ରଷ୍ଟ ଅବଧି ସରିଯାଇଥିବାରୁ ଏହାର ନବୀକରଣ ନିମନ୍ତେ ଆଲୋଚନା ହୋଇଥିଲା। ଏ ନେଇ କି ପଦକ୍ଷେପ ଗ୍ରହଣ କରାଯିବ ସେ ସମ୍ପର୍କରେ ଜଣାଇବା ପାଇଁ ଟ୍ରଷ୍ଟ ସଦସ୍ୟ ରାଜେନ୍ଦ୍ର ସିଂହଙ୍କୁ ଦାୟିତ୍ୱ ଦିଆଯାଇଥିଲା। ମନ୍ଦିର କ୍ୟାଶ୍‌ବୁକ ଅପଡେଟ ପାଇଁ ସଦସ୍ୟ ସୌଭାଗ୍ୟ ଚନ୍ଦ୍ର ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ନିର୍ମାଣ ଓ ଉନ୍ନତିମୂଳକ କାର୍ଯ୍ୟର ସବିଶେଷ ଆଲୋଚନା ପାଇଁ ସଦସ୍ୟ ଜଗଦାନନ୍ଦ ନାଏକଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ପ୍ରତିନିଧି ସୁନୀଲ କୁମାର ପ୍ରଧାନ, ବିଡିଓ ଶିବ କୁମାର ମିଶ୍ର, ତହସିଲଦାର ମନ୍ମଥ ନାୟକ, ଟ୍ରଷ୍ଟ ସଦସ୍ୟ ଜଗମୋହନ ଗଡନାୟକ, ସଞ୍ଜୟ ସାହୁ, ମୁରଲୀଧର ସାହୁ, ସନ୍ତୋଷ ପ୍ରଧାନ, ଅରୁଣ କୁମାର ପ୍ରଧାନ, ସିଦ୍ଧେଶ୍ୱର ପ୍ରଧାନ, ଶ୍ରମିକ ସଙ୍ଗଠନ ସାଧାରଣ ସମ୍ପାଦକ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର

କଣିହାଁ,୧୭।୮(ଡି.ଏନ.ଏ.)

କଣିହାଁ ବ୍ଲକର ଦୁଇଟି ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ମିଳିଛି। ରବିବାର ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଜନସ୍ୱାସ୍ଥ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ ଓ ବିରୁ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଡାକ୍ତର ଦିଲୀପ କୁମାର ପ୍ରଧାନଙ୍କୁ କାୟାକଳ୍ପ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରିଥିଲେ। ଏଥିସହ କଣିହାଁ ସିଏଚ୍‌ସିକୁ ଏକ ଲକ୍ଷ ଓ ବିରୁ ପିଏଚ୍‌ସିକୁ ପଚାଶ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏ ନେଇ କଣିହାଁ ଓ ବିରୁ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ ଓ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଡାକ୍ତର ପଟେଲ ଓ ଡାକ୍ତର ପ୍ରଧାନ କହିଛନ୍ତି, ଏହି ପୁରସ୍କାର କଣିହାଁ ଅଞ୍ଚଳବାସୀଙ୍କର। ଚିକିତ୍ସା ଓ ଭିତ୍ତିଭୂମି ବ୍ୟବସ୍ଥାରେ କାର୍ଯ୍ୟ ଜାରି ରହିବ। ଆଗାମୀ ବର୍ଷ ମଧ୍ୟ ପୁରସ୍କାର ହାତେଇବାକୁ ଲକ୍ଷ୍ୟ ରଖି କାର୍ଯ୍ୟ କରାଯାଉଛି।



କାର୍ଯ୍ୟକ୍ରମରେ ପୁରସ୍କାର ଗ୍ରହଣ କରିଥିବା ଦୁଇ ଡାକ୍ତର।

# ଫେରାର ଅଭିଯୁକ୍ତ ଗିରଫ

ବଇଣ୍ଡା,୧୭।୮(ଡି.ଏନ.ଏ.)

ଆଠମଲିକ ବ୍ଲକ ଠାକୁରଗଡ ଥାନା ଗୁଣ୍ଡୁରୀଖଲି ଗ୍ରାମରେ ସୋମବାର ରାତିରେ ପୋଲିସ ଚଢ଼ାଉ କରି ଫେରାର ଅଭିଯୁକ୍ତ ମହେଶ୍ୱର ନାୟକଙ୍କୁ ଗିରଫ କରିଛି। ପୋଲିସ କହିଛି, ୨୦୧୪ ମସିହାରେ ଏକ ହତ୍ୟାକାଣ୍ଡରେ ମହେଶ୍ୱର ସହଯୋଗୀ ଥିବା ଅଭିଯୋଗ ହୋଇଥିଲା। ତେବେ ଘରେ ଥିବା ଖବର ପାଇ ଆଇଆଇସି ପୀତାମ୍ବର ମଲିକ ଚଢ଼ାଉ କରି ଗିରଫ କରିଥିଲେ।

# ଚଳିତ ବର୍ଷ ହେବନି କୋଶଳା ଯାତ୍ରା

ଛେଣ୍ଡିପଦା,୧୭।୮(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ କୋଶଳାର ଅଧିଷ୍ଠାତ୍ରୀ ଦେବୀ ମା' ରାମଚଣ୍ଡୀଙ୍କ ବାର୍ଷିକ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏହି ପୂଜାକୁ ସରକାରଙ୍କ କୋଭିଡ୍ ନିୟମ ମାନି ମା' ରାମଚଣ୍ଡୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। କେବଳ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବ। ଜନସାଧାରଣଙ୍କ ସମାଗମ, ଦୋକାନ ବଜାର, ମୀନା ବଜାର ଓ ମୁଣ୍ଡନ ଆଦି କାର୍ଯ୍ୟକ୍ରମ ବନ୍ଦ ରହିବ। ଗ୍ରାମ ସଭାପତି ବ୍ରଜକିଶୋର ସାହୁଙ୍କ ସଭାପତିତ୍ୱରେ ଟ୍ରଷ୍ଟ ବୋର୍ଡ ସଦସ୍ୟ, ଗ୍ରାମ ସମ୍ପାଦକ, ଦଳପତି ବୃନ୍ଦ, ସେବାୟତ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟ ବୋର୍ଡ ସଭାପତି ଉଦିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ଓ ଟ୍ରଷ୍ଟ ବୋର୍ଡ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ସାହୁ ବୈଠକ ପରିଚାଳନା କରିଥିଲେ।

# ଗିରଫ ଆନ୍ଦୋଳନକାରୀଙ୍କୁ ଖଲାସ ଦାବି

ବଇଣ୍ଡା/କଣିହାଁ,୧୭।୮(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକସ୍ଥିତ ଖରସ୍ରୋତା ନଦୀରୁ ଭଦ୍ରକ ଜିଲାକୁ ପାଣି ଦେବାକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳବାସୀ ଜୋରଦାର ଆନ୍ଦୋଳନ କରିଥିଲେ। ପୋଲିସ ବହୁ ଆନ୍ଦୋଳନକାରୀଙ୍କୁ ଗିରଫ କରିଥିବାରୁ ଏହାର ପ୍ରତିବାଦ ସହ ତୁରନ୍ତ ଖଲାସ ଦାବି କରିଛି କିଶୋରନଗର ବ୍ଲକ ଏସ୍‌ୟୁସିଆଇ ଶାଖା। ସୋମବାର ଶାଖା ପକ୍ଷରୁ ଏ ନେଇ ବ୍ଲକ ଘେରାଉ କରାଯାଇଥିଲା। କମିଟି ସମ୍ପାଦକ ତୀର୍ଥବାସୀ ଭୋଇ, ରମଣୀ ରଞ୍ଜନ ପ୍ରଧାନ, ରବୀନ୍ଦ୍ର କୁମାର ସାହୁ, ସରୋଜିନୀ ନାୟକ ପ୍ରମୁଖ ବ୍ଲକ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଏସ୍‌ୟୁସିଆଇ କଣିହାଁ ଆଞ୍ଚଳିକ କମିଟି ପକ୍ଷରୁ ବ୍ଲକ ସମ୍ମୁଖରେ ପ୍ରତିବାଦ କରାଯାଇଥିଲା। ଜିଲା ସମ୍ପାଦକ ଭିକାରୀ ପ୍ରଧାନ, ବ୍ଲକ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ, ମାନସୀ ସ୍ୱାଇଁ, ଗଦାଶିଳା ସରପଞ୍ଚ ଜେମାମଣି ନାଏକ ପ୍ରମୁଖ ସାମିଲ ଥିଲେ। ପରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଅନୁଗୋଳ ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ବ୍ରଜବନ୍ଧୁ ସାହୁ, ସୁବାସ ପ୍ରଧାନ, ମାନସ ପାଳ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।





କିଶୋରନଗର ବ୍ଲକକୁ ଏସ୍‌ୟୁସିଆଇର ସଦସ୍ୟମାନେ ଘେରାଉ କରିଛନ୍ତି।

# ଜିଲାର ୩ ପୋଲିସଙ୍କୁ ଡିଜିପି ଡିସ୍କ

ଅନୁଗୋଳ ଅଫିସ/ ଆଠମଲ୍ଲିକ/ ବଇଣ୍ଡା, ୧୭।୮

ଅନୁଗୋଳ ଜିଲାରେ ଆଇନଶୃଙ୍ଖଳା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୩ ଜଣ ପୋଲିସଙ୍କୁ ସ୍ୱାଧୀନତା ଦିବସ ଅବସରରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ଡିଜିପି ଡିସ୍କ ପଦକରେ ସମ୍ମାନିତ କରିଛନ୍ତି। ସମ୍ପୃକ୍ତ ପୋଲିସ କର୍ମଚାରୀ ହେଲେ ଅନୁଗୋଳ ସଦର ଥାନାରେ କାର୍ଯ୍ୟରତ ସବ୍‌ଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ମାଝି, ଠାକୁରଗଡ଼ ଥାନାର ସବ୍‌ଇନ୍ସପେକ୍ଟର ସୁରେଶ ଚନ୍ଦ୍ର ବେହେରା ଓ ଅନୁଗୋଳ ଥାନାର କନଷ୍ଟେବଳ ଅଶ୍ୱିନୀ ସାହୁ। ଭୁବନେଶ୍ୱର ପୋଲିସ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ ମହାନିର୍ଦ୍ଦେଶକ ଏହି ପଦକ ପ୍ରଦାନ କରିଛନ୍ତି। ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମାଝି ଅନୁଗୋଳ ଓ ସଦର ଥାନା ଅଞ୍ଚଳରେ କେତୋଟି ଡକାୟତି ଯୋଜନା ପଣ୍ଡ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏଥିସହ ବିଭିନ୍ନ ମାମଲାର ଉପଯୁକ୍ତ ତଦନ୍ତ କରି ପ୍ରଶଂସିତ ହୋଇଛନ୍ତି। ଅନୁଗୋଳ ଥାନାର କନଷ୍ଟେବଳ ଅଶ୍ୱିନୀ କୁମାର ସାହୁ ବିଭିନ୍ନ ଆଇଟି ମାମଲାରେ ସଫଳତା ପାଇବା ସହ ସାଇବର ଠକାମିର ଶିକାର ହୋଇଥିବା ଲୋକ ଟଙ୍କା ଫେରି ପାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେହିପରି ଠାକୁରଗଡ଼ ଥାନାରେ କାର୍ଯ୍ୟରତ ସବ୍‌ଇନ୍ସପେକ୍ଟର ସୁରେଶ ଚନ୍ଦ୍ର ବେହେରା ବିଭିନ୍ନ ମାମଲାରେ ସଫଳତା ପାଇଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।







କନଷ୍ଟେବଳ ଅଶ୍ୱିନୀ ସାହୁ, ସବ୍‌ଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ମାଝି ଓ ସବ୍‌ଇନ୍ସପେକ୍ଟର ସୁରେଶ ଚନ୍ଦ୍ର ବେହେରାଙ୍କୁ ଡିଜିପି ଅଭୟ ସମ୍ମାନିତ କରୁଛନ୍ତି।

### ୯ ଜଣଙ୍କୁ ଡିଜିପି କମେଣ୍ଡେଶନ

ଅନୁଗୋଳ ଅଫିସ,୧୭।୮: ଅନୁଗୋଳ ଜିଲା ପୋଲିସ ସେବାରେ ଉଲ୍ଲେଖନୀୟ କାର୍ଯ୍ୟ ଓ ସେବା, ସାହସିକତା ଏବଂ ବିଭିନ୍ନ ଆପରାଧିକ ମାମଲାର ତଦନ୍ତରେ ସଫଳତା ହାସଲ କରିଥିବା ୯ ଜଣ ପୋଲିସ କର୍ମଚାରୀଙ୍କୁ ଡିଜିପି କମେଣ୍ଡେଶନ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅଧିକାରୀମାନେ ହେଲେ ଅନୁଗୋଳ ପିଟିସି ଡିଏସ୍‌ପି ଦୁଃଖବନ୍ଧୁ ନାଏକ, ପିଟିସି ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଚିତ୍ତରଞ୍ଜନ ମାଝି, ପିଟିସି ଇନ୍ସପେକ୍ଟର ତାପସ କୁମାର ଭୋଇ, ଇନ୍ସପେକ୍ଟର ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, ସବଇନ୍ସପେକ୍ଟର ବିପ୍ଳବ ସାହୁ, ବିକ୍ରମ କୁମାର ଭୂୟାଁ, ମନୋହର ପାତ୍ର, ସତ୍ୟରଞ୍ଜନ ଲେଙ୍କା, ପିଟିସି ହାବିଲଦାର ଇନ୍ଦ୍ରମଣି ବେହେରା।

ଧରିତ୍ରୀ
DHARITRI
ବୁଧବାର, ୧୮ ଅଗଷ୍ଟ, ୨୦୨୧

## ଖୋଲିଲା କପିଳାସ ମନ୍ଦିର

**ଢେଙ୍କାନାଳ ଅଫିସ:** କଟକଣା କୋହଳ କରାଯିବା ପରେ ଶ୍ରଦ୍ଧାଳୁମାନଙ୍କ ଲାଗି ଖୋଲିଛି ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସ। ମଙ୍ଗଳବାର ପ୍ରଥମ ଦିନରେ ପ୍ରାୟ ୧୦ ହଜାର ଶ୍ରଦ୍ଧାଳୁ କୋଭିଡ୍ କଟକଣା ମାନି ମହାପ୍ରଭୁ ଶ୍ରୀ ଚନ୍ଦ୍ରଶେଖରଙ୍କ ଦର୍ଶନ କରିଥିବା ଦେବୋତ୍ତର ବିଭାଗ ପକ୍ଷରୁ କୁହାଯାଇଛି। କରୋନାର ଦ୍ୱିତୀୟ ଲହର ସମୟରେ ସଂକ୍ରମଣ ଏଡ଼ାଇବାକୁ ଏପ୍ରିଲରୁ ମନ୍ଦିର ବନ୍ଦ ରହିଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଗତ ୧୨ ତାରିଖରୁ ଜିଲାର ସମସ୍ତ ଧର୍ମୀୟ ଅନୁଷ୍ଠାନ ଖୋଲାଯାଇଛି।



### ସଂକ୍ଷେପରେ

## ଆବାସ ପ୍ରଦାନ ଦାବି



**ହିନ୍ଦୋଳ, ୧୭।୮(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ କାରନ୍ଦା ପଞ୍ଚାୟତ ଧୂଳିଆମୁଣ୍ଡା ସାହିର ଦିବ୍ୟାଙ୍ଗ ଯୁବକ ବିକାଶ ଦାସ ପ୍ରଶାସନିକ ଅବହେଳାର ଶିକାର ହୋଇଛନ୍ତି। ଯୋଗ୍ୟତା ଥିବା ସତ୍ତ୍ୱେ ତାଙ୍କୁ ଆବାସ ଯୋଜନାରେ ସାମିଲ କରାଯାଉ ନ ଥିବା ବାପା ବିଦ୍ୟାଧର ଦାସ ଅଭିଯୋଗ କରିଛନ୍ତି। ଏ ନେଇ ମଙ୍ଗଳବାର ସେ ଉପଜିଲାପାଳ ଭେଟିଛନ୍ତି। ବିଦ୍ୟାଧର କହିଛନ୍ତି, ସେ ଜଣେ ଦିନ ମଜୁରିଆ। ୨୦୦୭ରୁ ବିକାଶଙ୍କ ମାନସିକ ସନ୍ତୁଳନ ବିଗିଡ଼ିଯାଇଛି। ଦଦରା ଚାଳ ଛପର ଘରେ ସପରିବାର ରହିବା କଷ୍ଟକର ହୋଇଯାଉଛି। ୫ବର୍ଷ ତଳେ ଆବାସ ଯୋଜନାରେ ସାମିଲ କରିବାକୁ ସେ ବ୍ଲକ ପ୍ରଶାସନକୁ ଗୁହାରି କରିଥିଲେ। ତଥାପି କୌଣସି ସୁଫଳ ମିଳୁନାହିଁ। ତେଣୁ ପୁଅ ନାମରେ ଗୃହ କାର୍ଯ୍ୟାଦେଶ ମଞ୍ଜୁର କରାଗଲେ ସପରିବାର ଉପକୃତ ହୋଇପାରନ୍ତେ ବୋଲି ସେ କହିଛନ୍ତି। ଉପଜିଲାପାଳ ଉଦୟ ମହାପାତ୍ର କୁହନ୍ତି, ବିଦ୍ୟାଧରଙ୍କ ନିବେଦନପତ୍ରକୁ ବିଡିଓଙ୍କ ନିକଟକୁ ପଠାଇ ଦିଆଯାଇଛି। ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଆସନ୍ନ ମରୁଡ଼ି ଆଶଙ୍କା

- ଅଗଷ୍ଟରେ ଆବଶ୍ୟକତାଠାରୁ ୩୦% କମ୍ ବର୍ଷା
- ମାତ୍ର ୧୬ ହଜାର ହେକ୍ଟରରେ ସରିଛି ବେଉଷଣ
- ୬ ବ୍ଲକରେ ଖରିଫ ଚାଷ ପ୍ରଭାବିତ



ବର୍ଷା ଅଭାବରୁ ଜମି ଫାଟି ଯାଇଛି।

**ରତନ ନାୟାର**
**ଢେଙ୍କାନାଳ ଅଫିସ, ୧୭।୮**

ସରିବାକୁ ବସିଲାଣି ଶ୍ରାବଣ। ଭଲ ବର୍ଷା ହୋଇଥିଲେ ଚାଷ କାର୍ଯ୍ୟରୁ ତର ପାଇ ନ ଥାନ୍ତା ଚାଷୀପୁଅ। ହେଲେ ଧାରାଶ୍ରାବଣରେ ତିନ୍ତୁନି ଭୂଇଁ କି ଅଣ୍ଟୁନି ପାଣି। ଜମି ଫାଟି ଆଁ କରିଛି। ରୁଆ ସମୟ ଗଡ଼ିଯିବା ପରେ ତଳିସବୁ ବୁଢ଼ା ହୋଇଗଲାଣି। ଯେଉଁ ସବୁ ସ୍ଥାନରେ ରୁଆ କାର୍ଯ୍ୟ ସରିଥିଲା, ସେଠାରେ ଗଛ ସବୁ ମରିଯିବାକୁ ବସିଲାଣି। ଶୁଭିଲାଣି ମରୁଡ଼ିର ପଦଧ୍ୱନି। ସପ୍ତାହକ ଭିତରେ ଭଲ ବର୍ଷା ନ ହେଲେ ଢେଙ୍କାନାଳ ଜିଲାରେ ଖରିଫ ଚାଷ ଭୟଙ୍କର ଭାବେ ପ୍ରଭାବିତ ହେବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ଚାଷୀ।

ଢେଙ୍କାନାଳ ଜିଲାରେ ଗତ ୩ ମାସରେ ଆବଶ୍ୟକତାଠାରୁ ଯଥେଷ୍ଟ କମ୍ ବର୍ଷା ହୋଇଛି। ଫଳରେ ୬ ବ୍ଲକର ୪୮ ପଞ୍ଚାୟତରେ ଧାନଚାଷ ଉଜୁଡ଼ି ଯିବାକୁ ବସିଲାଣି। ୭ରୁ ୧୦ ଦିନ ମଧ୍ୟରେ ବର୍ଷା ନ ହେଲେ ମରୁଡ଼ି ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି କୃଷି ବିଭାଗ ଅଧିକାରୀ ମଧ୍ୟ ସତର୍କ କରାଇ ସାରିଲେଣି। ଜିଲାରେ ଅଗଷ୍ଟ ପହିଲାରୁ ବର୍ତ୍ତମାନ ସୁଦ୍ଧା ୩୦% କମ୍ ବର୍ଷିଛି। ଏଥିରେ ଓଡ଼ାପଡ଼ା ବ୍ଲକର ୮ ପଞ୍ଚାୟତ, ଗଁଦିଆ ବ୍ଲକର ୧୩ ପଞ୍ଚାୟତ, ସଦର ବ୍ଲକର ୪ ପଞ୍ଚାୟତ, ହିନ୍ଦୋଳ ବ୍ଲକର ୧୭ ପଞ୍ଚାୟତ, ପରଜଙ୍ଗ ବ୍ଲକର ୪ ପଞ୍ଚାୟତ, କାମାକ୍ଷାନଗର ବ୍ଲକର ୨ ପଞ୍ଚାୟତରେ ଧାନଚାଷ ପ୍ରଭାବିତ ହୋଇଛି। ଖରିଫ ଋତୁରେ ୯୫ ହେକ୍ଟରରେ ଧାନଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୫୦ ହଜାରରୁ ଊର୍ଦ୍ଧ୍ୱ ହେକ୍ଟରରେ ବେଉଷଣ ସରିବା କଥା। ହେଲେ ମାତ୍ର ୧୬ ହଜାର ହେକ୍ଟର ଜମିରେ ବେଉଷଣ ହୋଇଛି। ଜମିରେ ପାଣି ନ ଥିବାରୁ ରୁଆକାର୍ଯ୍ୟ ମଧ୍ୟ ଆଗେଇ ପାରୁନି।

ସେହିପରି ଜଳସେଚନ ବ୍ୟବସ୍ଥା ମଧ୍ୟ ସ୍ଥାଣୁ ପାଲଟିଛି। କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ୧୮ ହଜାର ହେକ୍ଟରକୁ ପାଣି ମାଡ଼ିବା ବ୍ୟବସ୍ଥା ରହିଥିବାବେଳେ ମାତ୍ର ୫ ହଜାର ହେକ୍ଟର ଜମିକୁ ପାଣି ମାଡୁଛି। ଉଠା ସେଚପ୍ରକଳ୍ପ ମଧ୍ୟରୁ ଅଧାରୁ ଅଧିକ ଅଚଳ ହୋଇପଡ଼ିଛି। ବିଦ୍ୟୁତ୍ ବିଭ୍ରାଟ କାରଣରୁ ଅବଶିଷ୍ଟ ପ୍ରକଳ୍ପ ଶତ ପ୍ରତିଶତ କାର୍ଯ୍ୟ କରିବାକୁ ଅକ୍ଷମ। ଅନ୍ୟପକ୍ଷେ ରେଙ୍ଗାଳି ଦକ୍ଷିଣ ଓ ବାମ କେନାଲ ଅସମ୍ପୂର୍ଣ୍ଣ ଥିବାରୁ ବହୁ ହେକ୍ଟର ଜମି ଜଳସେଚନରୁ ବଞ୍ଚିତ ହୋଇ ରହିଛି। ୧୯୭୪ରୁ ଶୁଭ ପଡ଼ିଥିବା ଏହି ବହୁ ପ୍ରତୀକ୍ଷିତ ବୃହତ୍ ସେଚପ୍ରକଳ୍ପ ଅଧୀନରେ ଏବେ ସୁଦ୍ଧା ୧୨୩ କି.ମି କେନାଲ ନିର୍ମାଣ ଶେଷ ହୋଇଛି। ଆହୁରି ୭୦ କି.ମି. କେନାଲ କାର୍ଯ୍ୟ ବାକି ରହିଛି। ଦିନ ବିତୁଥିବାବେଳେ ଏହି ମେଗା ପ୍ରକଳ୍ପ କେବେ ସରିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ କୃଷି ଅଧିକାରୀ ଅଂଶୁମାନ୍ ପଟ୍ଟନାୟକ କୁହନ୍ତି, ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷ ପ୍ରଭାବିତ ହୋଇଛି। ଓଡ଼ାପଡ଼ା ବ୍ଲକରେ କମ୍ ବର୍ଷା ହୋଇଛି। କୃଷି ବିଭାଗ ଅଧିକାରୀମାନେ ଅଧିକାଂଶ ବ୍ଲକର କ୍ଷେତ୍ର ପରିଦର୍ଶନ କରୁଛନ୍ତି। ଖୁବ୍‌ଶୀଘ୍ର ଏକ ସମନ୍ୱୟ ବୈଠକ ଡକାଯାଇ ସ୍ଥିତି ବିଷୟରେ ଆଲୋଚନା କରାଯିବ। ୧୦ଦିନ ଭିତରେ ବର୍ଷା ନ ହେଲେ ପରିସ୍ଥିତି ଜଟିଳ ହୋଇପଡ଼ିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ସୂଚନା ଦେଇଛନ୍ତି।

### ଧାନ ରୁଆ ଆରମ୍ଭ ହୋଇନି



"ଶ୍ରାବଣ ସରିବାକୁ ବସିଥିବା ବେଳେ ଏଯାଏ ଧାନତଳି ରୁଆ ହୋଇପାରିନାହିଁ। ରେଙ୍ଗାଳି ଦକ୍ଷିଣ କେନାଲ କାର୍ଯ୍ୟ ସରୁ ନ ଥିବାରୁ ସମସ୍ୟା ଆହୁରି ବଢ଼ିଛି। ସପ୍ତାହକ ଭିତରେ ବର୍ଷା ନ ହେଲେ ମରୁଡ଼ି ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

**-ସନ୍ତୋଷ କୁମାର ସ୍ୱାଇଁ, ଗୋବିନ୍ଦପୁର, ସଦର ବ୍ଲକ**

### ବିଲରେ ତଳି ବୁଢ଼ା ହେଲାଣି



"ଶ୍ରାବଣରେ ଜମି ଶୁଖିଲା ପଡ଼ିଛି। ଜମିରେ ପାଣି ନାହିଁ। ରୁଆ ହୋଇପାରୁନି। ବିଲରେ ତଳି ବୁଢ଼ା ହୋଇଗଲାଣି। କେନାଲ ପାଣି ସବୁ ସ୍ଥାନରେ ପହଞ୍ଚୁନି। ମରୁଡିର ପଦଧ୍ୱନି ଶୁଭିଲାଣି। ବର୍ଷାଭାବରୁ ଖରିଫ ଧାନଚାଷ ପ୍ରଭାବିତ ହେବ।

**-ପ୍ରଦ୍ୟୁମ୍ନ ପଣ୍ଡା, କରମୂଳ, ଗଁଦିଆ ବ୍ଲକ**

### ସାର କଳାବଜାର ବାଧୁଛି



"ବର୍ଷା ଅଭାବରୁ ଜିଲାର ଅଧିକାଂଶ ବ୍ଲକରେ ହାରାହାରି ୪୦ରୁ ୫୦% ଯାଏ କୃଷିକାର୍ଯ୍ୟ ପ୍ରଭାବିତ ହୋଇଛି। ତଳି ବୁଢ଼ା ହୋଇଗଲାଣି। ଆବଶ୍ୟକ ବର୍ଷା ହେଲେ ମଧ ତଳି ଆଉ କାମରେ ଆସିବ ନାହିଁ। ଏସବୁ ସମସ୍ୟା ଭିତରେ ସାର କଳାବଜାର ବେଶି ବାଧୁଛି।

**-ନିରଞ୍ଜନ ପତି, ଚାଷୀ ପ୍ରତିନିଧି, ଗଁଦିଆ ବ୍ଲକ**

## କରୋନା ନେଲା ୫ ଜୀବନ

**ଢେଙ୍କାନାଳ ଅଫିସ, ୧୭।୮**

ଢେଙ୍କାନାଳ ଜିଲାରେ ଦିନକରେ ୫ ଜୀବନ ନେଇଛି କରୋନା। ଏହାକୁ ମିଶାଇ ମୋଟ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୧୫୧ରେ ପହଞ୍ଚିଛି। ସେହିପରି ୧୫ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୧୬ ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୪, ପରଜଙ୍ଗ ବ୍ଲକର ୩, ସଦର ବ୍ଲକର ୩, ହିନ୍ଦୋଳ ବ୍ଲକର ୨, ଓଡ଼ାପଡ଼ା ବ୍ଲକର ୧, କାମାକ୍ଷାନଗର ବ୍ଲକର ୧ ଏବଂ ଚିକିତ୍ସାଳୟରୁ ଜଣେ ଚିହ୍ନଟ ହୋଇଛନ୍ତି। ଜିଲାରେ ମୋଟ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୧୭୩ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଯୁବ ସଂକଳ୍ପ ଶୋଭାଯାତ୍ରା

**ଢେଙ୍କାନାଳ ଅଫିସ, ୧୭।୮**

ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଇରାଶିଷ୍ ଆଚାର୍ଯ୍ୟଙ୍କ ଆହ୍ୱାନକ୍ରମେ ଢେଙ୍କାନାଳ ଜିଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମାଙ୍କ ନେତୃତ୍ୱରେ ଯୁବ ସଂକଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ପଦଯାତ୍ରା ସ୍ଥାନୀୟ ବାଜିଚୌକସ୍ଥିତ ଶହୀଦ ସ୍ତମ୍ଭ ନିକଟରୁ ବାହାରି ବସ୍‌ଷ୍ଟାଣ୍ଡ ନିକଟ ଶହୀଦ ସ୍ତମ୍ଭ ଯାଏ ଯାଇଥିଲା। ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ ଗୋଛାୟତ, ଚନ୍ଦ୍ରକାନ୍ତ ଧଳ, ରଞ୍ଜିତ୍ ବିଶାଲ୍, ହରିଶ ଚନ୍ଦ୍ର ବେହେରା, ସଞ୍ଜୀବ ପଣ୍ଡା, ସନ୍ତୋଷ ବେହେରା, ସୁଜିତ୍ ବାରିକ୍, ସିଦ୍ଧାର୍ଥ ଶଙ୍କର ସାମଲ, ସୁଚିତ୍ର ବେହେରା, ବିଭୂତି ପଣ୍ଡା, ଅଭୟ ନାୟକ, ସୁମନ୍ ସନ୍ଦୀପ ମହାପାତ୍ର, ଜିତେନ୍ ସ୍ୱାଇଁ, ମଣ୍ଡଳ ସଭାପତି ବାଦଲ ବେହେରା ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ପମ୍ପ୍ ଡ୍ରାଇଭରଙ୍କୁ ମାଡ଼ ମାରି ଲୁଟ୍ ଅଭିଯୋଗ



**କାମାକ୍ଷାନଗର, ୧୭।୮(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ରେକୁଲାସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ ପମ୍ପ୍ ହାଉସ୍‌ରେ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଆତଙ୍କରାଜ ସୃଷ୍ଟି କରିଛନ୍ତି। ସେମାନେ ପମ୍ପ୍ ଡ୍ରାଇଭର ଶ୍ରୀଧର ବେହେରା, ପ୍ରଦୀପ୍ତ ବେହେରାଙ୍କ ହାତଗୋଡ଼ ବାନ୍ଧି ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଛନ୍ତି। ଅଭିଯୋଗ ଅନୁଯାୟୀ, କାମାକ୍ଷାନଗର ସହରକୁ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଜଳ ଯୋଗାଣ ହେଉଛି। ଏବେ ନୂତନ ପାଣି ପାଇପ୍ ବିଛାଯିବା କାମ ଚାଲିଥିବାରୁ ପମ୍ପ୍ ହାଉସ୍‌ରେ ବହୁ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ମହଜୁଦ ରହିଛି। ସବୁଦିନ ପରି ସୋମବାର ରାତିରେ ଶ୍ରୀଧର ଏବଂ ପ୍ରଦୀପ୍ତ ପମ୍ପ ହାଉସ୍ ସୁରକ୍ଷା ଦାୟିତ୍ୱରେ ଥିଲେ। ରାତି ପ୍ରାୟ ୧ଟାରେ ୪-୫ ଜଣ ଯୁବକ ହଠାତ୍ ପମ୍ପହାଉସ୍ ଭିତରକୁ ପଶିଆସି ଉଭୟଙ୍କୁ କାବୁକରି ନେଇଥିଲେ। ସେମାନଙ୍କ ହାତଗୋଡ଼ ବାନ୍ଧିଦେବା ସହ ମାଡ଼ ମାରିଥିଲେ। ମାରଣାସ୍ତ୍ର ଦେଖାଇ ପ୍ରଦୀପଙ୍କ ସୁନାଚେନ୍, ବ୍ରେସ୍‌ଲେଟ୍, ଦାମୀ ମୋବାଇଲ ସହିତ ସାଙ୍ଗରେ ଆଣିଥିବା ଗାଡ଼ିରେ ଲଦି ୫୦ରୁ ଊର୍ଦ୍ଧ୍ୱ ପାଇପ୍ ନେଇଯାଇଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କୁ ଧରିବାକୁ ଚଢ଼ାଉ ଜାରି ରହିଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# ଅନୁଦାନ ଅର୍ଥ ହଡ଼ପ ଅଭିଯୋଗ



ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

**ହିନ୍ଦୋଳ, ୧୭।୮(ଡି.ଏନ୍.ଏ.)**

- ମଞ୍ଜୁର ସତ୍ତ୍ୱେ ୪ ବର୍ଷ ହେଲା ନିର୍ମାଣ ହେଉନି ଗୋଷ୍ଠୀକେନ୍ଦ୍ର
- ଆଞ୍ଚଳିକ ବିକାଶ ପାଣ୍ଠିରୁ ଦିଆଯାଇଥିଲା ଅଢ଼େଇ ଲକ୍ଷ ଟଙ୍କା

ହିନ୍ଦୋଳ ବ୍ଲକ କଡଲା ପଞ୍ଚାୟତ ବଡ଼ମୁଣ୍ଡା ଦଳିତସାହିରେ ୪ବର୍ଷ ତଳେ ଏକ ଗୋଷ୍ଠୀକେନ୍ଦ୍ର ନିର୍ମାଣ ଲାଗି ମଞ୍ଜୁର ହୋଇଥିବା ସାଢ଼େ ୨ ଲକ୍ଷ ଟଙ୍କାର ହିସାବ ମିଳୁନାହିଁ। ବିଧାୟିକାଙ୍କ ଆଞ୍ଚଳିକ ବିକାଶ ପାଣ୍ଠିରୁ ଯୋଗାଇ ଦିଆଯାଇଥିବା ଏହି ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ ମଙ୍ଗଳବାର ବିଡିଓ ଏବଂ ଉପଜିଲାପାଳଙ୍କ ଫେରାଦ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ୨୦୧୬-୧୭ ଆର୍ଥିକ ବର୍ଷରେ ବିଧାୟିକାଙ୍କ ଆଞ୍ଚଳିକ ବିକାଶ ପାଣ୍ଠିରୁ ଗ୍ରାମରେ ଏକ ଗୋଷ୍ଠୀକେନ୍ଦ୍ର ନିର୍ମାଣ କରିବା ଲାଗି ଅଢ଼େଇ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଗ୍ରାମରେ ସରକାରୀ ଜାଗା ନ ଥିବାରୁ ଅନ୍ତର୍ଯ୍ୟାମୀ ବେହେରା ନିଜର ୨ ଡେସିମିଲି ଜମି ମହିମା କମ୍ୟୁନିଟି ସେଣ୍ଟର ସଭାପତିଙ୍କ ନାମରେ ଦାନ କରିଥିଲେ ଏବଂ ଉକ୍ତ ସ୍ଥାନରେ ଗୋଷ୍ଠୀକେନ୍ଦ୍ର ନିର୍ମାଣ କରିବାକୁ କହିଥିଲେ। ଏହାପରେ ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମର ସନ୍ତୋଷ ନାଏକଙ୍କୁ ଗୋଷ୍ଠୀକେନ୍ଦ୍ର ନିର୍ମାଣର କାର୍ଯ୍ୟାଦେଶ (ନଂ. ୩୮୦/୨୦୧୮) ପ୍ରଦାନ କରାଯାଇଥିଲା। ହେଲେ ଅଦ୍ୟାବଧି ଗ୍ରାମରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ହୋଇନାହିଁ। ସନ୍ଦେହ ହେବାରୁ କିଛି ଦିନ ତଳେ ଗ୍ରାମବାସୀ ବିଧାୟିକାଙ୍କୁ ସାକ୍ଷାତ କରି ଏ ସଂକ୍ରାନ୍ତରେ ପଚାରିଥିଲେ। ବିଧାୟିକା କମ୍ୟୁନିଟି ସେଣ୍ଟର ପାଇଁ ଅଢ଼େଇ ଲକ୍ଷ ଟଙ୍କା ମଞ୍ଜୁର କରିଥିବା କହିଥିଲେ। ଏହାପରେ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟକୁ ଆସି ବୁଝିବା ପରେ ସତ ପଦାକୁ ଆସିଥିଲା। ସନ୍ତୋଷଉକ୍ତ ଅନୁଦାନ ଅର୍ଥ ଉଠାଇ ନିଜ ଘର ନିର୍ମାଣରେ ବିନିଯୋଗ କରିଛନ୍ତି। ଘରେ ଫଳକ ମାରି ଯନ୍ତ୍ରୀଙ୍କ ସହାୟତାରେ ବିଲ୍ ଉଠାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତ। ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଉପଜିଲାପାଳ ଉଦୟ କୁମାର ମହାପାତ୍ର ଗ୍ରାମବାସୀଙ୍କ ଦାବିପତ୍ର ଗ୍ରହଣ କରି ତଦନ୍ତ ନିମନ୍ତେ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

## କଳାବ୍ୟାଜ୍ ପିନ୍ଧିଲେ ଲାବୋରେଟୋରି ଟେକ୍ନିସିଆନ

**ଢେଙ୍କାନାଳ ଅଫିସ,୧୭।୮**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଲାବୋରେଟୋରି ଟେକ୍ନିସିଆନମାନେ ସୋମବାରଠାରୁ କଳାବ୍ୟାଜ ପରିଧାନ କରି ପ୍ରତୀକାତ୍ମକ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଟେକ୍ନିସିଆନ ପଦବୀକୁ ଲାବୋଟୋରି ଟେକ୍ନୋଲୋଜିଷ୍ଟ କରିବା, ପ୍ରତି ଜିଲାରେ ଟେକ୍ନିକାଲ ଓ ଚିଫ୍ ଟେକ୍ନିକାଲ ଅଫିସର ପଦବୀ ସୃଷ୍ଟି, ମେଡିକାଲ କଲେଜ ଏବଂ ବ୍ଲଡ୍ ବ୍ୟାଙ୍କର ଅନୁରୂପ ପଦବୀ ସୃଷ୍ଟି, ଡିଏମ୍‌ଏଲ୍‌ଟି କାଉନ୍‌ସିଲରେ ସମସ୍ତ ଟେକ୍ନିସିଆନଙ୍କ ନାମ ପଞ୍ଜୀକରଣ, ଅଣ ସ୍ୱୀକୃତିପ୍ରାପ୍ତ କଲେଜରୁ ପାସ୍ କରିଥିବା ଟେକ୍ନିସିଆନଙ୍କ ପଞ୍ଜୀକରଣ ନ କରିବା, ଚୁକ୍ତି ସମୟକୁ ପ୍ରମୋଶନରେ ଗ୍ରହଣ କରିବା, ସିନିୟର ଟେକ୍ନିସିଆନଙ୍କୁ ବ୍ଲଡ୍ ବ୍ୟାଙ୍କ କମ୍ପୋନେଟ୍ ଟ୍ରେନିଂ ବ୍ୟବସ୍ଥା, କ୍ୟାଡର ରୁଲ ପରିବର୍ତ୍ତନ ଆଦି ଦାବିରେ ଏହି ପ୍ରତୀକାତ୍ମକ ଧାରଣା ଦିଆଯାଇଥିବା ଜିଲା ସମ୍ପାଦକ ବଳରାମ ମଲ୍ଲିକ, ସମ୍ପାଦକ ମାନସ ସାହୁ କହିଛନ୍ତି।

## 'ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'



କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧୭।୮**

ଢେଙ୍କାନାଳ ବିଜେଡି କାର୍ଯ୍ୟାଳୟ ପରିସରରେ ୭୫ତମ ସ୍ୱାଧୀନତା ଦିବସ କୋଭିଡ୍ ନିୟମ ଅନୁଯାୟୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ୱାଧୀନତା ଆନ୍ଦୋଳନରେ ମହାତ୍ମା ଗାନ୍ଧୀ, ପଣ୍ଡିତ ନେହେରୁ, ସର୍ଦ୍ଦାର ପଟେଲ୍, ନେତାଜୀ, ଭଗତ୍ ସିଂ, ଉତ୍କଳମଣି ଗୋପବନ୍ଧୁ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ। ଦେଶକୁ ସୁରକ୍ଷା ଦେବାରେ ବୀର ଯବାନଙ୍କ ଅବଦାନ ଚିରସ୍ମରଣୀୟ। ଦେଶମାତୃକାର ସେବାରେ ଅନେକେ ଶହୀଦ ହୋଇଛନ୍ତି। ଏଭଳି ଯୋଗଜନ୍ମା ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟକଲେ ପରପିଢ଼ିକୁ ନୂଆ ଦିଗ୍‌ଦର୍ଶନ ମିଳିବ ବୋଲି ବିଧାୟକ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପତିତପାବନ ମହାପାତ୍ର, ନରୋତ୍ତମ ସାହୁ, ଇନ୍ଦ୍ରମଣି ବେହେରା, ଲକ୍ଷ୍ମୀଧର ସାହୁ, ଦେବୀ ପ୍ରସାଦ ଭୂତିଆ, ସାଗରିକା ମିଶ୍ର, ରୁବି ବିଶ୍ୱାଳ, ସାଇଶ୍ରୀ ପଟ୍ଟନାୟକ, ସୁରଜ ମହାପାତ୍ର, ବିନୋଦ ମହାନ୍ତି ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ।

## ଜୁନିୟର କଲେଜ ପାସ୍ ହାର ୧୦୦ %

**ଢେଙ୍କାନାଳ ଅଫିସ, ୧୭।୮**

ଢେଙ୍କାନାଳ ଜୁନିୟର କଲେଜ ଯୁକ୍ତ ୨ କଳା ବିଭାଗର ପାସ୍ ହାର ଶତ ପ୍ରତିଶତ ହୋଇଛି। ପରୀକ୍ଷା ଦେଇଥିବା ୨୪୦ଜଣଙ୍କ ମଧ୍ୟରୁ ୧୨୬ଜଣ ପ୍ରଥମ, ୬୮ଜଣ ଦ୍ୱିତୀୟ ଏବଂ ୪୬ଜଣ ତୃତୀୟ ଶ୍ରେଣୀରେ ପାସ୍ ହୋଇଛନ୍ତି। ଛାତ୍ରୀ ଦେବସ୍ମିତା ନନ୍ଦ (୫୧୩), ଅବିନାଶ ତ୍ରିପାଠୀ (୫୧୨) ଏବଂ ପ୍ରିୟାଂଶୁ ପ୍ରତୀକ ମହାନ୍ତି (୫୧୧) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ଏକ୍ସ ରେଗୁଲାରରେ ୧୬ ଜଣଙ୍କ ମଧ୍ୟରୁ ୬ଜଣ ପାସ୍ କରିଛନ୍ତି।

## 'ଅସହାୟଙ୍କ ସେବା ମୁଖ୍ୟ ଲକ୍ଷ୍ୟ'

**ଢେଙ୍କାନାଳ ଅଫିସ, ୧୭।୮:** ଢେଙ୍କାନାଳର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ସୂର୍ଯ୍ୟାଲୋକ ଫାଉଣ୍ଡେଶନ୍'ର ତୃତୀୟ ପ୍ରତିଷ୍ଠା ଦିବସ ଗଁଦିଆ ବ୍ଲକ ଦେଓଗାଁ ପଞ୍ଚାୟତ ମହ୍ଲାର ସାହିରେ ମଙ୍ଗଳବାର ପାଳିତ ହୋଇଯାଇଛି। ଅନୁଷ୍ଠାନ ସର୍ବଦା ଅସହାୟଙ୍କୁ ସହାୟତା କରିବା ଲାଗି ଗୁରୁତ୍ୱ ଦେଇ ଆସିଛି। ଏଭଳି ମହତ୍ କାର୍ଯ୍ୟ ଆଗକୁ ମଧ ଜାରି ରହିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ସ୍ଥାନୀୟ ବାସିନ୍ଦାଙ୍କୁ ମାସ୍କ, ସାନିଟାଇଜର ବଣ୍ଟନ କରାଯିବା ସହ ହାତ ଧୋଇବା ନେଇ ସଚେତନ କରାଯାଇଥିଲା। ଏଥିସହ ମହିଳା, ଶିଶୁଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା। ଗଁଦିଆ ଥାନାଧିକାରୀ ବିଷ୍ଣୁଚରଣ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ଅଧକ୍ଷ ଦୀପକ ରଞ୍ଜନ ମିଶ୍ର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସ୍ମିତା ପ୍ରିୟଦର୍ଶିନୀ ଷଡଙ୍ଗୀ, ନିର୍ଦ୍ଦେଶିକା ଶୁଭଦର୍ଶିନୀ ପରିଡ଼ା, ଉପଦେଷ୍ଟା ଶକ୍ତିପ୍ରସାଦ ହରିଚନ୍ଦନ, ତାପସ କୁମାର ରାଉତ, ସରପଞ୍ଚ ସାଗରିକା ସାହୁ, ସମିତିସଭ୍ୟ ସମ୍ବିତ ପତି, ବିଶ୍ୱଜିତ୍ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଗାମୀ ଦିନରେ ଫାଉଣ୍ଡେଶନ ପକ୍ଷରୁ ଜିଲାରେ ବିଭିନ୍ନ ସ୍ଥାନରେ ସାମାଜିକ ସଂସ୍କାରମୂଳକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଅନୁଷ୍ଠାନର ଅଧକ୍ଷ ମିଶ୍ର ସୂଚନା ପ୍ରଦାନ କରିଛନ୍ତି।

# ସ୍ମାର୍ଟ ପାର୍କ ଟେଣ୍ଡରରେ ଦୁର୍ନୀତି



ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଠିକାଦାରମାନେ।

**କାମାକ୍ଷାନଗର, ୧୭।୮(ଡି.ଏନ୍.ଏ.)**

### ତଦନ୍ତ ଦାବି କଲେ ଆଶାୟୀ ଠିକାଦାର

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସିରେ ଟେଣ୍ଡର ଦୁର୍ନୀତି ହୋଇଥିବା ଅଭିଯୋଗ ଆଣିଛନ୍ତି ଠିକାଦାର। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ଗୋପନ ତଥ୍ୟ ପଦାକୁ ଆସିବ ବୋଲି ସେମାନେ କହିଛନ୍ତି।

ଗତ ମେ ୨୭ରେ କାମାକ୍ଷାନଗର ଏନ୍‌ଏସିରେ ସ୍ମାର୍ଟ ପାର୍କ ଏବଂ ଶ୍ମଶାନ ନିର୍ମାଣ କରିବା ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୧୧ ଆଶାୟୀ ଇ-ଟେଣ୍ଡର ପକାଇଥିଲେ। ଟେଣ୍ଡର ବେଳେ ମାନଦଣ୍ଡ ସମ୍ପର୍କରେ ସୂଚନା ଦିଆଯାଇ ନ ଥିଲା। ହେଲେ ଟେଣ୍ଡର ଖୋଲାଯିବା ପରେ ୩୦ ଲକ୍ଷ ଟଙ୍କାର ପ୍ରକଳ୍ପ ନିର୍ମାଣ କରିଥିବା ଠିକାଦାର ଟେଣ୍ଡର ପାଇବାକୁ ଯୋଗ୍ୟ ହେବେ ବୋଲି କୁହାଯାଇଥିଲା। ୧୧ଜଣଙ୍କ ମଧ୍ୟରୁ ୪ଜଣ ଏହି ମାନଦଣ୍ଡ ପୂରଣ କରୁଥିଲେ। ହେଲେ ଅନ୍ୟ ୩ ଜଣଙ୍କୁ ବାଦ୍ ଦେଇ ଜଣେ ଠିକାଦାରଙ୍କୁ ଟେଣ୍ଡର ପ୍ରଦାନ କରାଯାଇଛି।। ପ୍ରିୟାପ୍ରୀତି ତୋଷଣ କରି ଟେଣ୍ଡର ଦିଆଯାଇଥିବା ଠିକାଦାର ଜ୍ୟୋତିଶଙ୍କର ସାହୁ, ପୀତବାସ ରାଉଳ, ସତ୍ୟଜିତ୍ ରାଉତ, ଧର୍ମେନ୍ଦ୍ର ଦାସ, ଶକ୍ତିସଂଗ୍ରାମ ହୋତା, ମାନସ ସାହୁ ପ୍ରମୁଖ କହିଛନ୍ତି। ଏହାର ନିରପେକ୍ଷ ତଦନ୍ତ କରିବାକୁ ସେମାନେ ଜିଲାପାଳ, କାମାକ୍ଷାନଗର ଉପଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଅଭିଯୋଗ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ବିରଜା ପ୍ରସାଦ ରଥଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ କୁହନ୍ତି, ଅଭିଯୋଗ ଅନୁଯାୟୀ ତଦନ୍ତ କରାଯିବ। ଏଥିରେ ସତ୍ୟତା ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଶୋଭାଯାତ୍ରା

**କାମାକ୍ଷାନଗର, ୧୭।୮(ଡି.ଏନ୍.ଏ.)**

### ଅଭିଯୁକ୍ତ ଗିରଫ ନ ହେବାର ପ୍ରତିବାଦ

ଢେଙ୍କାନାଳ ଜିଲା କାମାକ୍ଷାନଗରରେ ମଙ୍ଗଳବାର ବିଭିନ୍ନ ଦାବିନେଇ ଅନୁସୂଚିତ ଜାତି ଓ ଜନଜାତି ମିଳିତ ମଞ୍ଚର ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଶତାଧିକ ମହିଳାପୁରୁଷ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଜିରିଡ଼ାମାଳିଠାରୁ ଶୋଭାଯାତ୍ରାରେ ବାହାରି କାମାକ୍ଷାନଗର ବଜାର ପରିକ୍ରମା କରିବା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରତିବାଦ କରିଥିଲେ।

ଅଭିଯୋଗ ଅନୁଯାୟୀ, ଗତ ଜୁଲାଇ ୧୨ରେ ପରଜଙ୍ଗ ଥାନା ଆମ୍ବପଳାସ ଗ୍ରାମର କେତେଜଣ ସବର୍ଣ୍ଣ ବ୍ୟକ୍ତି ଜାମୁନାଳୀ ସାହିର ପପୁ ସିର୍କା ଏବଂ ସନ୍ତୋଷୀ ପିଙ୍ଗୁଆଙ୍କ ସମେତ ୧୨ଜଣଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏହାର ପ୍ରତିବାଦ କରିବା ସହ ଅଭିଯୋଗ କରିବାକୁ ଥାନାକୁ ଯିବା ସମୟରେ ଅଭିଯୁକ୍ତମାନେ ଗାଡ଼ି ଅଟକାଇ ଟେକାପଥର ମାଡ଼ କରିଥିଲେ। ଏଥିରେ ୭ମାସର ଗର୍ଭବତୀ ସନ୍ତୋଷୀଙ୍କ ଗର୍ଭନଷ୍ଟ ହୋଇଯାଇଥିଲା। ଏ ସଂକ୍ରାନ୍ତରେ ସେହିମାସ ୧୭ ତାରିଖରେ ପରଜଙ୍ଗ ଥାନାରେ ଅଭିଯୋଗ ହୋଇଥିଲେ ମଧ ଅଦ୍ୟାବଧି ଅଭିଯୁକ୍ତଙ୍କୁ ଗିରଫ କରାଯାଉନାହିଁ। ଗର୍ଭପାତ ହୋଇଥିବା ସନ୍ତୋଷୀଙ୍କୁ ନ୍ୟାୟ ମିଳିପାରିନାହିଁ। ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ବନବାସୀଙ୍କୁ ଜମିପଟ୍ଟା ବଣ୍ଟନ, ସାହି ଏବଂ ପଡ଼ାବସ୍ତିକୁ ରାଜସ୍ୱ ଗ୍ରାମ ମାନ୍ୟତା ଦେବା ଦାବିରେ ଏହି ପ୍ରତିବାଦ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଭାରତ ଜାକତ ମାଝି ପ୍ରଗଣା ମହଲ, ବି.ଆର୍. ଆମ୍ବେଦକର ମୂଳନିବାସୀ ଦଳିତ ସେବାସଂଘ, ଆଦିବାସୀ ମୁକ୍ତି ସଙ୍ଗଠନ, ଆଦିବାସୀ ଚେତନା ସଙ୍ଗଠନ, ଏକଲବ୍ୟ ଶବର ସମାଜ, ଭୀମ ଆର୍ମୀର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ଏହି ଅବସରରେ ରାଜ୍ୟପାଳ, ଜିଲାପାଳ, ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମାଧବ ମାରାଣ୍ଡିଙ୍କ ନେତୃତ୍ୱରେ ପ୍ରତାପ ମାରାଣ୍ଡି, ସହଦେବ ଟୁଡୁ, ଲାଲ୍‌ମୋହନ ମୁର୍ମୁ, ପୀତାମ୍ବର ମାରାଣ୍ଡି, ଭଗବାନ କୁଲଡି, ଭିକାରି ଚରଣ ନାୟକ, ଶୁଭନ ମାରାଣ୍ଡି ପ୍ରମୁଖ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଦାବିପୂରଣ ନ ହେଲେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।




ଅନୁସୂଚିତ ଜାତି ଓ ଜନଜାତି ମିଳିତ ମଞ୍ଚର ଶୋଭାଯାତ୍ରା।

